ପୁତ୍ର ନିମନ୍ତେ ମାଦ୍ରୀର ନାରାୟଣଙ୍କୁ ସ୍ମରଣ, ନାରାୟଣଙ୍କ ନାସ୍ତିରେ ଦୁର୍ବାସାଙ୍କର ଅନ୍ୟ ଦେବତାଙ୍କୁ ସ୍ମରଣ କରିବାକୁ ମାଦ୍ରୀଙ୍କୁ କଥନ

ନ ପାରଇ ସହି ତାର ଶୃଙ୍ଗାର ଆର୍ଦ୍ଧୋଳି
ମଦନାକୁ ବସାଇ ଦେବୀ ସନ୍ନିଧ୍ୟରେ ଭାଳି । ୧ ।
ତୁ ମାଦ୍ରୀ ମୋହୋର ସପତଣୀ ହୋଇଲୁ ଅବା
ଭୃତ୍ୟର ଭୃତ୍ୟ ହୋଇଣ ତୁ ମୋତେ ବହୁତ କଲୁ ସେବା । ୨ ।
ତୁ ମୋହୋର ଅଭିନ୍ନ ପ୍ରାଣର ସଂଘାତୁଣୀ
ମୋତେ ସେବା କରି ହୋଇବୁ କି ଅପୁତ୍ରିକ ଲକ୍ଷଣୀ । ୩ ।
କୋଇନ୍ତାୟେ ମାଦ୍ରୀକି ଦଲେ ଜପାମାଳି
ଦିଗପାଳ ଗୋଟିକୁ ସୁମରଣା କର ମନର ହିଆଳୀ । ୪ ।
ଆପଣେ ଥାଇ କୋନ୍ତଭୋଜର ଦୁହିତେ
ମଦନାକୁ ସଞ୍ଚିତ କଲେ ସେ ଶେଯ୍ୟାର ଯୁଗତେ । ୫ ।
ମଦନା ମହାଦେବୀ ଯେ ଅଟଇ କୁମାରୀ
ୟେହାର ମାତା ଅଟଇ ମଳୟ ବସନ୍ତା ଅପଛରୀ । ୬ ।
ବାସବର କୋପେ ସେ ପାଇ ଅଭିଶାପ
ମଧ୍ୟ ପୁରେ ଉପୁଜିଲା ଧରି ମାନୁଷୀ ସରୂପ । ୭ ।
ତାହାର ଦୋହିତା ୟେ ମଦନାବତୀ ନାମ
ବାଛିଣ ପଣ୍ଡୁ ରାଜାକୁ କଲାକ ପ୍ରଦାନ । ୮ ।
ତାହାର ରୂପଗୁଣ କହିତ କି ପାରି
ପୃଥିବୀ ଅଳଙ୍କାର ସେ ଅଟଇ ସୁନ୍ଦରୀ । ୯ ।
କରେଣ କୋଇନ୍ତାୟେ ଦିଲେକ ଜପାମାଳି
ଯାହାକୁ ଇଛା ତୋର ସୁମର ମନେ ଭାଳି । ୧୦ ।
ୟେତେକ ତିଆରି ଗଲେ ଦେବୀ କୋନ୍ତେ
ମାଦ୍ରୀ ବେଶନ ହୋଇଲା ଶେଯ୍ୟାର ଯୁଗତେ । ୧୧ ।
ବୋଇଲେ ଧର୍ମ ପବନ ଇନ୍ଦ୍ରେ କୋଇନ୍ତାୟେ ପୁତ୍ର କଲେ ଜାତ
ଦେବତାଙ୍କ ମଧ୍ୟେ ଆଉ ନାହିଂ ବଳବନ୍ତ । ୧୨ ।
ନାରାୟଣ ଦେବାତାଙ୍କୁ ସୁମରିବି ଆଜ
ବିଷ୍ଣୁଙ୍କର ବୀର୍ଯ୍ୟେ ମୋର ଉପୁଜୁ ତନୁଜ । ୧୩ ।
ମୋହୋର ପୁତ୍ରଗୋଟି ହୋଇବ ଯେ ବଳବନ୍ତ
ସପତ ବ୍ରହ୍ମଣ୍ଡକୁ ସେ ହୋଇବ ଯେ ୟେକଛତ୍ର । ୧୪ ।

---------

୧୨ ।୨  ଶୋଭନ ହୋଇ ଦେବୀ ବସିଲେ ଶେଯ୍ୟାର ଯୁଗତେ ।
୪ ।୨  ହିଆଳୀ-ଆନନ୍ଦଦାୟକ  ୫ ।୨  ସଞ୍ଚିତ-ସ୍ଥାପିତ

ଗାନ୍ଧାରୀ ପୁତ୍ରନ୍ତ କୋଇନ୍ତା ପୁତ୍ରନ୍ତ ଜିଣି
ୟେ ମୋହୋର କୁମର ହୋଉ ୟେକାଙ୍ଗ ନୃପମଣି । ୧୫ ।
ୟେତେକ ବିଚାରି ଦେବୀ ୟେକାନ୍ତ ନିଶାକାଳେ
ନାରାୟଣ ସୁମରଇ ସେ ଦୁର୍ଭାସା ମନ୍ତ୍ରବଳେ । ୧୬ ।
ବଇନେତ୍ରେୟ ବାହାନେଣ ସେ ଦେବ ନାରାୟଣ
ଅନ୍ତରୀକ୍ଷ୍ୟେ ବିଜେ କଲେ ଶତଶିଂଗ ପର୍ବତେଣ । ୧୭ ।
ଅନେକ ବେଶନ ହୋଇ ମଦନସେନର କୁମାରୀ
ଅର୍ଘ୍ୟ ତଳେ ଥୋଇଲା ସେ ନାରାୟଣ ନାରାୟଣ ସୁମରି । ୧୮ ।
ୟେମନ୍ତ ସମୟେ ଯାଇଂ ଶ୍ରୀକୃଷ୍ଣ ବିଜେ କଲେ
ଦେଖିଣ ମାଦ୍ରୀଦେବୀ ଆସନ ତେଜ୍ୟା କଲେ । ୧୯ ।
ନାରାୟଣ ବୋଇଲେ ତୁ ଶୁଣ ପଣ୍ଡୁର ପାଟରାଣୀ

ନିରାକାର ବୋଧିଲା ତୋହୋର ଜ୍ୟେଷ୍ଠ ସପତଣୀ । ୨୦ ।
ତାହାର ବୀର୍ଯ୍ୟେ ଉପୁଜିଲା ଯେବଣ ପୁତ୍ର ଗୋଟି
ନିରଞ୍ଜନ ଦେବତା ସେ ମୋହୋର ଠାକୁର ଯୁଝେଷ୍ଠି । ୨୧ ।
ତୁ ମୋହୋର ମାତା ଗୋ ପ୍ରତକ୍ଷେ ନିରଞ୍ଜନୀ
ପୁତ୍ରକୁ କି-। ସୁମରିଲୁ ମହାମନ୍ତ୍ର ଘେନି । ୨୨ ।
ରଷିର ମହାମନ୍ତ୍ର ଗୋ କେମନ୍ତେ ଯିବି ମେଣ୍ଟି
ନିଜ ପ୍ରାଣ ବିସର୍ଜିବି ମୃଧୁନା ଯିବ ଫାଟି । ୨୩ ।
ମାତାର ତୁଲେ ଗୋ କାହିଂ ପୁତ୍ରର କାମ ଭେଟ
ମୋତେ କରାଇଲୁ ଗୋ ଦୁସହ ସଂକଟ । ୨୪ ।
ତୁ କି-। ବିଚାର ଗୋ ନ କଲୁ ୟେହା ମନେ
ଗ୍ୟାନ ଥାଉଂ ଥାଉଂ ଗୁରୁପତ୍ନୀ ହରିବି କେସନେ । ୨୫ ।
ୟେମନ୍ତ କର୍ମ କି-। କଲୁ ଗୋ ମାହେଶ୍ୱରୀ
ମୋତେ ସୁମରିଲୁ କଥାନ୍ତ ନ ବିଚାରି  । ୨୬ ।
ୟେବେ କିସ ବିଚାର କର ଗୋ ମହାତ୍ମାଣୀ
ମାଦ୍ରୀ ଆଶ୍ରିଜ ହୋଇଲେ ନାରାୟଣଙ୍କ ବଚନ ଶୁଣି । ୨୭ ।
ମମ କର୍ମେ ୟେହେନେକ ଫଳ ଫଳିଲା ଚକ୍ରପାଣି । ୨୮ ।

--------------

୧୬ ।୧  ୟେମନ୍ତ ବିଚାରି ସେ ସ-ୂର୍ଣ୍ଣ ନିଶାକାଳେ ।
୧୭ ।୧  ବଇନେତ୍ରେୟ-ବୈନତେୟ, ଗରୁଡ, ବିନତା ପୁତ୍ର

ଅନ୍ତରେ ଥାଇଂ ଯେ ଦେଖୁଥିଲେ ଦେବୀ କୋଇନ୍ତା
ଧାତିକାରେ ବିଜେ କଲେ ଧର୍ମର ବନିତା । ୨୯ ।
ଦେଖିଲେ ନାରାୟଣ ଶଙ୍ଖ ଚକ୍ରଧାରୀ
କୋଦଣ୍ଡ ଧରିଣ ନାଥ ବିଜୟେ କି ବିଚାରି । ୩୦ ।
ନାରାୟଣଙ୍କ ବିଜେ ଦେଖି କୋଇନ୍ତାୟେ ଆଶ୍ରିଜ
ସୁଗ୍ୟାନୀ ମାଦ୍ରୀ ତ ପାଇଲା ଦେବରାଜ । ୩୧ ।
ୟେହାର ବୀର୍ଯ୍ୟେ ଉତପତ୍ତି ହୋଇଲେ ସନ୍ତତି
ନାରାୟଣ ତନୁଜ ଯେ ହୋଇବ ୟେକଛତ୍ରୀ । ୩୨ ।
କୋଇନ୍ତାକୁ ଦେଖିଣ ସେ ଦେବ ଚକ୍ରଧାରୀ
ଧାତିକାରେ ନାରାୟଣ ଗରୁଡ ପିଠିରୁ ଅବତରି । ୩୩ ।
ନାରାୟଣ ବୋଇଲେ ମାଗୋ ନିରଞ୍ଜନ ତୋଷିଲୁ ମହାମନ୍ତ୍ର ବଳେ
ଧର୍ମ ଦେବତାୟେ ବିଜେ କଲେ ଆସି ତୋର କୋଳେ । ୩୪ ।
ବିବୁଧାଦିଗଣ ଯାହାର ନ ଦେଖନ୍ତି ବର୍ଣ୍ଣ ଚିହ୍ନ
ସେ ଧର୍ମ ମହାତମା ତୋତେ ହୋଇଲେ ପ୍ରସନ୍ନ । ୩୫ ।
ଆମ୍ଭେ ଯେ ତୁମ୍ଭର ପୁତ୍ର ତୁମ୍ଭେ ଆମ୍ଭର ମାୟେ
ତୁମ୍ଭେ କି-। ଚିନ୍ତିଲ ମାଗୋ ୟେସନେକ ଉପାୟେ । ୩୬ ।
ଗୁରୁପତ୍ନୀ ଶିଷ୍ୟପୁତ୍ର କାହିଂ ଅଛି ୟେକ ଯୋଗ
ଦୁର୍ଭାସାଙ୍କ ମନ୍ତ୍ର କେହ୍ନେ କରିବି ପରିତ୍ୟାଗ । ୩୭ ।
ୟେ କଥା ବିଚାର ଗୋ କରିବା ମାହେଶ୍ୱରୀ
କୋଇନ୍ତାୟେ ବୋଇଲେ ୟେ ତ ନ ଜାଣିଲା ବିଚାର କରି । ୩୮ ।
ୟେହା କହୁଂ କୋଇନ୍ତାକୁ ଲାଗିଲା ମହାଭୀତି
ତହିଂକି ପ୍ରିୟଯୋଗ ଜଗନ୍ନାଥେ କରନ୍ତି ନାସ୍ତି । ୩୯ ।
କୋଇନ୍ତାୟେ ବୋଇଲେ ତୁମ୍ଭେ ବିଜେ କରିବା ଦାମୋଦର
ଆଗୋ ମାଦ୍ରୀ ତୁ ଆନ ଦେବତା ସୁମର । ୪୦ ।
ଗୋବିନ୍ଦ ବୋଇଲେ ମାଗୋ ଦୁଃସହ ହୋଇଲାକ ମୋତେ

ଦୁର୍ଭାସାଙ୍କର ମହାମନ୍ତ୍ର ମୁଁ ବଞ୍ଚିମି କେମନ୍ତେ । ୪୧ ।
ୟେଥକୁ ପ୍ରତିକାର ସିନା ସେହି ଋଷିହିଁ ଜାଣନ୍ତି
ତାହାଙ୍କୁ ସୁମରଣା କର ମାଗୋ କୁନ୍ତୀ । ୪୨ ।
ଶୁଣିଣ ସାନନ୍ଦ ଯେ ଭୋଜରାଜର କୁମାରୀ
ୟେକ ଲୟେ କରି ଦୁର୍ଭାସାଙ୍କୁ ଯେ ସୁମରି । ୪୩ ।
ଦଣ୍ଡ କମଣ୍ଡଳ କଷା କଉପୁନୀ ଶୀତାଂସୁ
ତାମ୍ର ବର୍ଣ୍ଣ ଗାତ୍ର ଅଙ୍ଗେଣ ଲେପନ ପାଂଶୁ । ୪୪ ।
ନାରାୟଣଙ୍କୁ ଦେଖିଲେ ଦୁର୍ଭାସା ମହରଷି
ଅର୍ଘ୍ୟ ଘେନି ପୂଜା କଲେ ଯେ ପଣ୍ଡୁରାଜାର ପାଟବଂଶୀ । ୪୫ ।
ଦୁର୍ଭାସାୟେ ବୋଇଲେ ମାଗୋ ମାଦ୍ରୀ ତୁ ମନ୍ଦ କୃତ୍ୟ କଲୁ
ନାରାୟଣ ଦେବତାଙ୍କୁ କିଂେ  ସୁମରିଲୁ । ୪୬ ।
ଦୁର୍ଭାସାଙ୍କ ବଚନେ ବଦୟନ୍ତି ଦାମୋଦର
ଭୋ ମୁନିବର ତୋହୋର ବଚନ ୟେଥିକି ପ୍ରତିକାର କର । ୪୭ ।
ନାରାୟଣଙ୍କ ଆପଦ ଖଣ୍ଡିଲେ ଦୁର୍ଭାସା
ଆନ ପୁରୁଷକୁ ମଦନାବତୀ ଗୋ ବଳାଅ ମନୀଷା । ୪୮-୨୭୩୮ ।

-------------

୩୪ ।୨  ଦୁତି ନିରଞ୍ଜନ ଉପୁଜିଲେ ତୋର କୋଳେ ।
୩୫ ।୨  ସେ ସିଦ୍ଧ ମହାତ୍ମା ତୋତେ ହୋଇଲେ ପ୍ରସନ୍ନ ।
୩୬ ।୨  ତୁମ୍ଭେ ଚିନ୍ତିଲ କି- । ମାଗୋ ଆମୃନ୍ତ ଉପାୟେ ।
୪୧ ।୨  ଦୁର୍ଭାସାଙ୍କର ମହାମନ୍ତ୍ର ମେଣ୍ଟିବି କେମନ୍ତେ ।
୪୭ ।୨  ତୋହୋର ବଚନେ ୟେଥକୁ ଅଛି କି ପ୍ରତିକାର ।

*****************